# ଓଡିଶା ପାଇଁ ଗଛ



ବିଜ୍ଞାନ ତରଙ୍ଗର ଏହି ବହି ବିଶେଷାଙ୍କଟି ୧୯୯୭-୯୮ର ଜାତୀୟ ପରିବେଶ ସଚେତନତା ଅଭିଯାନ (National Environment Awareness Campaign, 1997-98) ପାଇଁ ଏକ ସାଧନ ସାମଗ୍ରୀ ରୂପରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ପରିବେଶ ବିଭଗର ସହାୟତାରେ ପ୍ରକାଶିତ।

*ଓଡ଼ିଶା ପାଇଁ ଗଛ*

*ପ୍ରକାଶକ / ବିତରକ: ସୃଜନିକା, ଜାଗମରା, ଭୁବନେଶ୍ୱର ୭୫୧ ୦୩୦, ଦୂରଭାଷ ୪୭୦ ୬୬୪*

*ମୁଦ୍ରଣ: ଶୋଭନ, ଆର୍ଯ୍ୟ ବିହାର, ଭୁବନେଶ୍ୱର* *ପ୍ରକାଶ କାଳ: ମାର୍ଚ୍ଚ ୧୯୯୮*

*ମୂଲ୍ୟ: ପାଞ୍ଚ ଟଙ୍କା*

## ଭୂମିକା

ପ୍ରାୟ ୫୦୦ କୋଟି ବର୍ଷ ତଳେ ଆମର ଏ ବିଶ୍ୱ ସୃଷ୍ଟି ହେଲା। ପ୍ରାୟ ୪୫୦ କୋଟି ବର୍ଷ ତଳେ ପୃଥିବୀ ଜନ୍ମ ନେଲା ଅର୍ଦ୍ଧ-ତରଳ କାଦୁଆ ପିଣ୍ଡ ରୂପରେ। କ୍ରମେ ଏହା ଥଣ୍ଡା ଓ କଠିନ ହେଲା। ସେତେବେଳେ ପୃଥିବୀର ପ୍ରାୟ ସବୁଆଡେ ସମୁଦ୍ର ଥିଲା। ଭିତରର ଉତ୍ତାପ ଯୋଗୁଁ ସମୁଦ୍ରରୁ ବହୁତ ଜଳୀୟବାଷ୍ପ ସୃଷ୍ଟି ହେଉଥିଲା ଓ ପ୍ରବଳ ବର୍ଷା ଲାଗି ରହୁଥିଲା।

ସେ ସମୟର ବାୟୁମଣ୍ଡଳ ଆଜି ତୁଳନାରେ ବହୁତ ଅଲଗା ଥିଲା। ଅଙ୍ଗାରକାମ୍ଳ, ମିଥେନ, ଆମୋନିଆ ଭଳି ବିଷାକ୍ତ ବାଷ୍ପ ବାୟୁମଣ୍ଡଳର ମୁଖ୍ୟ ଉପାଦାନ ଥିଲା। ଉତ୍ତାପ, ଅତିବାଇଗଣୀ ରଶ୍ମି, ବିଜୁଳିର ଝଲକ ଓ ବିଷାକ୍ତ ବାଷ୍ପ ମିଶି କିଛି ପ୍ରକ୍ରିୟା କଲେ ଓ ସରଳ ଅଣୁ ସୃଷ୍ଟି ହେଲା। ଧୀରେ ଧୀରେ ତାହା ଜୀବକୋଷର ରୂପ ନେଲା ପ୍ରାୟ ୪୦୦ ରୁ ୩୫୦ କୋଟି ବର୍ଷ ତଳେ।

ପ୍ରାୟ ୨୫୦ କୋଟି ବର୍ଷ ତଳେ ଏହି ଜୀବକୋଷ ଭିତରୁ ଦଳେ ସୂର୍ଯ୍ୟଙ୍କ କିରଣକୁ ବ୍ୟବହାର କରି ନିଜର ଖାଦ୍ୟ ତିଆରି କଲେ। ଏହି ପ୍ରକ୍ରିୟାକୁ ଆଲୋକଶ୍ଳେଷଣ କୁହାଯାଏ। ଏହି ଆଲୋକଶ୍ଳେଷଣ ଫଳରେ ଅମ୍ଳଜାନର ପରିମାଣ ଧୀରେ ଧୀରେ ବଢିଲା ଓ ଉନ୍ନତ ଉଦ୍ଭିଦମାନଙ୍କୁ ବଢିବାରେ ସାହାଯ୍ୟ କଲା। କ୍ରମେ ଗଛ ସଂଖ୍ୟା ବଢିଲା ଓ ଅମ୍ଳଜାନର ପରିମାଣ ବର୍ତ୍ତମାନର ଅବସ୍ଥାକୁ ଆସିପାରିଲା।

ତେବେ ଏ ସବୁ କିଛି ଅଳ୍ପ ଦିନର କଥା ନୁହେଁ। ଏଥିପାଇଁ ପୃଥିବୀକୁ ଲାଗିଛି କୋଟି କୋଟି ବର୍ଷ। ତେବେ ମୋଟାମୋଟି ଭାବରେ ଦେଖିବାକୁ ଗଲେ, ଗଛ ହିଁ ପୃଥିବୀରେ ଜୀବନର

ବିକାଶ ଘଟାଇଛି । ଏବେ ମଧ୍ୟ ଗଛ ସାରା ଜୀବଜଗତକୁ ଖାଦ୍ୟ ଯୋଗାଉଛି । ମଣିଷର ଖାଦ୍ୟ, ବାସ, ବସ୍ତ୍ର, ଔଷଧ ପରି ସବୁ ଚାହିଦା ପୂରଣ କରୁଛି ।

ଗଛ କେବଳ ଯେ ଖାଦ୍ୟ, ବାସ, ବସ୍ତ୍ର ଦେଉଛି ତା'ନୁହେଁ, ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ନେଇ ଅମ୍ଳଜାନର ପରିମାଣ ବଢାଇବାରେ ସାହାଯ୍ୟ କରୁଛି । ଧୂଳି, ପବନର ସ୍ରୋତରୁ ରକ୍ଷା କରୁଛି । ଗଛର ଚେର ମାଟିକୁ ଧରି ରଖୁଥିବାରୁ ଉପରର ଉର୍ବର ମାଟି ଧୋଇ ଯାଏନାହିଁ । ଶବ୍ଦ ପ୍ରଦୂଷଣକୁ କମାଇବାରେ ଗଛର ଏକ ମୁଖ୍ୟ ଭୂମିକା ରହିଛି ।

ପରିବେଶର ସନ୍ତୁଳନ ପାଇଁ ମୋଟ ଅଞ୍ଚଳର ଏକ ତୃତୀୟାଂଶ ବା ୩୦-୩୫ ଭାଗ ଜଙ୍ଗଲ ଦରକାର । ଆଗେ ଭାରତ ଓ ଓଡିଶାରେ ବେଶ୍ ଅଞ୍ଚଳରେ ଘଞ୍ଚ ଜଙ୍ଗଲ ରହିଥିଲା । ଏବେ କିନ୍ତୁ ତାହା କମିବାରେ ଲାଗିଛି । ଓଡିଶାରେ ଏବେ ଜଙ୍ଗଲର ପରିମାଣ ୧୫ ଭାଗକୁ କମି ଆସିଲାଣି । ଯାହା ବି ରହିଛି ତା' ମୋଟେ ସୁରକ୍ଷିତ ନୁହେଁ ।

ଜଙ୍ଗଲ ନଷ୍ଟ ହେଲେ ଆମ ଉପରେ ଖରାପ ପ୍ରଭାବ ପଡିବ ବୋଲି ଖାଲି କହିଦେଲେ ତ ଚଳିବନାହିଁ । ଏଥିପାଇଁ କିଛି କରିବା ଦରକାର । ସାମୁହିକ ଭାବରେ କିଛି ନହୋଇପାରିଲେ ବି ନିଜ ଚେଷ୍ଟାରେ ଛୋଟ ଛୋଟ ଦଳରେ କିଛି କରିହେବ । ନିଜ ଅଞ୍ଚଳରେ ଥିବା ଗଛକୁ ଚିହ୍ନି ତା'ର ଯତ୍ନ ନେଇହେବ । ଏଥିପାଇଁ ଓଡିଶାର ସ୍ଥାନୀୟ ଗଛ କିଛିର ବର୍ଣ୍ଣନା, କିଭଳି ମାଟିରେ ଏସବୁ ବଢିପାରିବ ସେ ବିଷୟରେ ଏଠାରେ ଦେଉଛୁ । ବାହାରୁ ଆମଦାନୀ ହୋଇଥିବା, କିନ୍ତୁ ବହୁଳ ଭାବରେ ଲଗା ଯାଉଥିବା କିଛି ବିଦେଶୀ ଗଛର ବର୍ଣ୍ଣନା ମଧ୍ୟ ରହିଛି । ତେଣୁ ନିଜ ଅଞ୍ଚଳର ମାଟି ଅନୁସାରେ ଗଛ ବଛାଯାଇ ପାରିବ ।

## ଓଡିଶାର ପ୍ରାକୃତିକ ବିଭାଗ


ଓଡିଶାକୁ ସାଧାରଣତଃ ୪ଟି ପ୍ରାକୃତିକ ବିଭାଗରେ ଭାଗ କରାଯାଇପାରେ ।

୧. *ଉତ୍ତରୀୟ ମାଳଭୂମି ବା ଉତ୍ତରାଞ୍ଚଳ:* ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ ଓ ଅନୁଗୋଳ ଜିଲ୍ଲାର ବିଭିନ୍ନ ଅଞ୍ଚଳ । ଏହାର ପୂର୍ବରେ ଶିମିଳାପାଳ ପାହାଡ ରହିଛି । ଏସବୁ ଅଞ୍ଚଳରେ ପ୍ରଚୁର କୋଇଲା ଖଣି ରହିଛି ।

୨. *ମହାନଦୀ ଅବବାହିକା:* କଳାହାଣ୍ଡି, ନୂଆପଡା-ଖରିଆରଠାରୁ ଆରମ୍ଭ କରି ନୟାଗଡ, ଖଣ୍ଡପଡା, ବଡମ୍ବା, ଆଠଗଡ ଯାଏଁ ଏହା ବାପିଛି । ପଶ୍ଚିମରେ ଗନ୍ଧମାର୍ଦ୍ଦନ ପର୍ବତ ରହିଛି ।

୩. *ପୂର୍ବଘାଟ ପର୍ବତମାଳା:* କୋରାପୁଟ, ରାୟଗଡା, କନ୍ଧମାଳ ଏବଂ ଗଜପତି ଜିଲ୍ଲାର ପାହାଡିଆ ଅଞ୍ଚଳ ଏହାର ଅନ୍ତର୍ଗତ । କନ୍ଧ, ପରଜା, କୋୟା, ମୁଣ୍ଡା, ଗାଦବା, ଶଉରା ଜାତିର ଆଦିବାସୀ ଏହି ଅଞ୍ଚଳର ମୁଖ୍ୟ ଅଧିବାସୀ ।

୪. ଉପକୂଳ ଅଞ୍ଚଳ: ବାଲେଶ୍ୱର, କଟକ, ପୁରୀ, ଗଞ୍ଜାମ ଆଦି ସମତଳ ଅଞ୍ଚଳ ଏହାର ଅନ୍ତର୍ଭୁକ୍ତ ।


୧
୨
୩
୪
ଉତ୍ତରାଞ୍ଚଳ
ଦକ୍ଷିଣାଞ୍ଚଳ
ପୂର୍ବାଞ୍ଚଳ
ପଶ୍ଚିମାଞ୍ଚଳ


**କସି** *(ବ୍ରିଡେଲିଆ ରେଟୁସା)*

*ମାଟି:* ଝରଣା କୂଳର ଓଦାଳିଆ ମାଟି

*ବର୍ଣ୍ଣନା:* ମଝିଲା ଉଚ୍ଚତାର ଗଛ। ବକଲ ଧୂଷର, ଛୋଟ ବେଳେ କଣ୍ଟା ଥାଏ। ପତ୍ରର ତଳଭାଗ ଲୋମଶ। ସବୁଜ-ହଳଦିଆ ରଙ୍ଗର ଫୁଲ ଅଗଷ୍ଟ-ଅକ୍ଟୋବର ଭିତରେ ଫୁଟେ।

*ଉପଯୋଗିତା:* ଘର ତିଆରିରେ ଲାଗେ।





**ଅସନ** *(ଟର୍ମିନାଲିଆ ଟୋମେଣ୍ଟୋସା)*

*ମାଟି:* ଉର୍ବର, ଦୋରସା ପଙ୍କମିଶା କଳାମାଟି।

*ବର୍ଣ୍ଣନା:* ବଡ ଗଛ। ଧୂଷର ରଙ୍ଗର ବକଲ ଖିଅଡିଆ। ପତ୍ର ମସୃଣଷ ଫିଙ୍କା ହଳଦିଆ ରଙ୍ଗର ଫୁଲ ଜୁନ୍ ମାସରେ ଫୁଟେ।

*ଉପଯୋଗିତା:* କାଠ ଘର ତିଆରି. ଗୃଷ ଉପକରଣ, ରେଳଡବା ଚଟାଣ, ତିଆରିରେ ଲାଗେ। ଜାଳେଣୀ ଓ କୋଇଲା ଓ ଡାଳ ଗୋଖାଦ୍ୟ ହୁଏ। ଛାଲିରେ ଚମଡା ରଙ୍ଗ କରାଯାଏ।


## ବାଉଁଶ (ବାମ୍ବୁସା ଭଲ୍‌ଗାରିସ୍)



*ମାଟି:* ପ୍ରାୟ ସବୁ ପ୍ରକାର ମାଟି

*ବର୍ଣ୍ଣନା:* ପ୍ରାୟ ୨୦-୫୦ ଫୁଟ ଉଚ୍ଚ ହୁଏ। କାଣ୍ଡରେ ହଳଦିଆ ବା ସବୁଜ ରଙ୍ଗର ଗାର ପଡିଥାଏ। ପତ୍ର ସରୁ ଓ ଟାଆଁସିଆ। ୪୦-୫୦ ବର୍ଷରେ ଫୁଲ ଫୁଟେ।

*ଉପଯୋଗିତା:* ଘର ପାଇଁ ଖୁଣ୍ଟ, ଓରା ଶେଣୀ, ରୁଅ କବାଟ, ଠେଙ୍ଗା, ଶଗଡ ଦଣ୍ଡା, ଡୋଲି, ଟୋକେଇ, ଗାଣ୍ଡୁଆ, କୁଲା, ଫୁଙ୍କାନଳୀ, ଖଟିଆ, ମାଛଧରା ଯନ୍ତ୍ର, ଛତା ବେଣ୍ଟ ଭଳି ଅନେକ ନିତିଦିନିଆ ବ୍ୟବହୃତ ଜିନିଷ ତିଆରି ହୁଏ।



## କୁମ୍ଭୀ (କାରେୟା ଆର୍‌ବୋରିଆ)

*ମାଟି:* ନାଲି ମାଟି, ପାହାଡିଆ ପଟୁ, ନଈକୂଳିଆ ଉର୍ବର ମାଟି।

*ବର୍ଣ୍ଣନା:* ବଡ ଗଛ। ବର୍ଷସାରା ପତ୍ର ରହେ। ଗାଢ ଧୂଷର ରଙ୍ଗର ବକଳ ମୋଟା ଓ ଖଦଡିଆ। ମାର୍ଚ୍ଚ-ଏପ୍ରିଲ ମାସରେ ଧଳା ରଙ୍ଗର ଫୁଲ ଫୁଟେ।

*ଉପଯୋଗିତା:* ଘର ତିଆରିରେ ଲାଗେ।


**ଶାଳ** *(ଶୋରିଆ ରୋବଷ୍ଟା)*

*ମାଟି:* ବାଲିଆ, ପଙ୍କମିଶା ମାଟି ।

*ବର୍ଣ୍ଣନା:* ବଡ ଗଛ । ପତ୍ର ଆକାରରେ ବଡ, ମସୃଣ ଏବଂ ଚିକଣ । ହଳଦିଆ ରଙ୍ଗର ଫୁଲ ମାର୍ଚ୍ଚ-ଏପ୍ରିଲରେ ଫୁଟେ ।



*ଉପଯୋଗିତା:* ଏହାର କାଠ ବହୁତ ମୂଲ୍ୟବାନ । ଏଥିରେ ଟେବୁଲ, ଚଉକି, ଖଟ, ଆଲମାରୀ ଆଦି ଆସବାବପତ୍ର, ଶଗଡ, ଲଙ୍ଗଳ, କଡି, ବରଗା, ଶେଣୀ, ଓରା, ଦୁଆର, କବାଟ ଆଦି ତିଆରି କରାଯାଏ । ପଟାରେ ଡଙ୍ଗା କରାଯାଏ । ମଞ୍ଜିରୁ ତେଲ ବାହାର କରାଯାଏ । ପତ୍ରରେ ଖଲି, ଦନା ତିଆରି ହୁଏ । ଚମଡା ରଙ୍ଗ କରିବା ପାଇଁ ଏହାର ଛେଲି ବ୍ୟବହୃତ ହୁଏ । ଅଠା ଝୁଣା ଭାବରେ ବ୍ୟବହୃତ ହୁଏ ।



**ଗମ୍ଭାରୀ** *(ମେଲିନା ଆର୍‌ବୋରିଆ)*

*ମାଟି:* ଦୋରସା, ମାଙ୍କଡା, ପଟୁ, ବାଲି ଓ ପଙ୍କ ମିଶା ମାଟି ।

*ବର୍ଣ୍ଣନା:* ବଡ ଗଛ । ଗଣ୍ଡି ସିଧା । ଧୂସର ହଳଦିଆ ରଙ୍ଗର ଫୁଲ ଫୁଟେ ।


*ଉପଯୋଗିତା:* ନରମ କାଠରେ ଦିଆସିଲି କାଠି, ପେଟି, ଆସବାବପତ୍ର, ବାଦ୍ୟଯନ୍ତ୍ର, ଖୋଦେଇ କାମ କରାଯାଏ । ମଣ୍ଡରୁ କାଗଜ ତିଆରି ହୁଏ ।

**ପିଆଶାଳ** *(ଟେରୋକାର୍ପସ୍ ମାର୍ସୁପିଅମ୍)*

*ମାଟି:* ଓଦାଳିଆ ମାଟି

*ବର୍ଣ୍ଣନା:* ବଡ ଗଛ। ବକଳ ମୋଟା, ଧୂଷର ହଳଦିଆ ରଙ୍ଗର ଓ ଲମ୍ବା ଲମ୍ବା ଫଟା ଦାଗ ଥାଏ। ବାସ୍ନାଯୁକ୍ତ ହଳଦିଆ ଫୁଲ ଅକ୍ଟୋବର ମାସରେ ଫୁଟେ।

*ଉପଯୋଗିତା:* କାଠ ମଜବୁତ ଓ ଚିକଣ। ଏହା ଘରର ଆସବାବପତ୍ର, ଶଗଡ ଚକର ଅର ତିଆରିରେ ଲାଗେ। ଅଠାରେ ଔଷଧ ହୁଏ। ଛେଲିରେ ଦଉଡି ହୁଏ ଓ ଚମଡା ରଙ୍ଗ କରାଯାଏ।





**ଢାମଣ** *(ଗ୍ରେଇଆ ଟିଲିଆଫୋଲିଆ)*

*ମାଟି:* ଶୁଖିଲା ଅନୁର୍ବର ମାଟି।

*ବର୍ଣ୍ଣନା:* ମଝିଲା ଉଚ୍ଚତାର ଗଛ। କଅଁଳ ଅଂଶ ଛୋଟଛୋଟ କାତିରେ ଢାଙ୍କି ହୋଇଥାଏ। ପତ୍ରର ଉପର ମସୃଣ, ତଳପଟ ଲୋମଶ। ଏପ୍ରିଲ-ଜୁଲାଇରେ ହଳଦିଆ ଫୁଲ ପେଣ୍ଡା ପେଣ୍ଡା ହୋଇ ଫୁଟେ।


*ଉପଯୋଗିତା:* ଜାହାଜର ପାଲଟଣା ଖୁଣ୍ଟି, ବାହୁଙ୍ଗି, କୃଷି ଉପକରଣ ତିଆରି ହୁଏ। ଭିତର ବକଳରୁ ଟାଣ ସୂତା ବାହାରେ।


**ବର** *(ଫାଇକସ୍ ବେଙ୍ଗାଲେନ୍‌ସିସ୍)*

*ମାଟି:* ସବୁ ପ୍ରକାର

*ବର୍ଣ୍ଣନା:* ବଡ ଗଛ। ଓହଳ ଲମ୍ବିଏଷ। ବକଳ ଚିକଣ। ଭାଙ୍ଗିଲେ କ୍ଷୀର ବାହରେ। ପତ୍ର ଗୋଲିଆ, ଚିକଣ, ମସୃଣ। ବର୍ଷରେ ୨-୩ ଥର ଫଳ ହୁଏ।

*ଉପଯୋଗିତା:* ଡାଳ ଇଟାଭାଟିରେ ଜଳା ହୁଏ। ଡାଳପତ୍ର ହାତୀ ଖାଏ। ପାଚିଲା ଫଳ ପକ୍ଷୀ ଖାଆନ୍ତି। ଛାଇ ଦିଏ।





**ଓସ୍ତ** *(ଫାଇକସ୍ ରିଲିଜିଓସା)*

*ମାଟି:* ସବୁ ପ୍ରକାର

*ବର୍ଣ୍ଣନା:* ବଡ ଗଛ। ପତ୍ରର ଡେମ୍ଫ ଲମ୍ବା। ଅଗ ସରୁ ଓ ଲମ୍ବାଷ ଫଳ ଡିମିରି ପରି। ଫୁଲ ଫଳ ଭିତରେ ଥାଏ।


*ଉପଯୋଗିତା:* ଡାଳ ଇଟାଭାଟିରେ ଜଳା ହୁଏ। ପାଚିଲା ଫଳ ପକ୍ଷୀ ଖାଆନ୍ତି। ଛାଇ ଦିଏ।

**ନିମ** *(ଆଜାଡିରାକ୍ଟା ଇଣ୍ଡିକା)*

*ମାଟି:* ସବୁ ଉର୍ବର ପ୍ରକାର ମାଟି

*ବର୍ଣ୍ଣନା:* ମଝି ଉଚ୍ଚତାର ଗଛ। ପତ୍ର ସରୁ ଓ ଲମ୍ବାଳିଆ। ଧାର କଟା କଟା। ପେଣ୍ଠା ପେଣ୍ଠା ଧଳା ଫୁଲ ଫେବ-ଆରୀ-ମାର୍ଚ୍ଚ ମାସରେ ଫୁଟେ।

*ଉପଯୋଗିତା:* ତେଲରୁ ଔଷଧ, ସାବୁନ, ଦାନ୍ତଘଷା ପେଷ୍ଟ, ପାଉଡର, ପ୍ରସାଧନ ସାମଗ୍ରୀ ତିଆରି ହୁଏ। କାଠରୁ ଶଗଡ, ଗୃଷ ଉପକରଣ ତିଆରି କରାଯାଏ। କୀଟନାଶକ ଭାବେ ବ୍ୟବହୃତ ହୁଏ।






**ବଡ ଶିରିଷ** *(ସାମନିଆ ସମନ)*

*ମାଟି:* ନିଗିଡା, ଗହିରିଆ ମାଟି।

*ବର୍ଣ୍ଣନା:* ବଡ ଗଛ। ପତ୍ର ପକ୍ଷଳ। ବକଲ ଧୂସର ଓ ଖଦଡିଆ। ଲାଲ ରଙ୍ଗର ଫୁଲ ଏପ୍ରିଲ-ମେ ମାସରେ ଫୁଟେ। ଲମ୍ବା, ମାଂସଳ, କଳା ରଙ୍ଗର ଫଳ।

*ଉପଯୋଗିତା:* କାଠରେ ଆସବାବପତ୍ର, କବାଟ, ଝରକା, ଲଙ୍ଗଳ, ମଇ ଆଦି ଗଢାଯାଏ। ଏହାର ପତ୍ର, ଡାଳ ଜାଳେଣୀ ହୁଏ ଓ ଗୋଖାଦ୍ୟ ହୁଏ।


**ଧଉରା** *(ଆନୋଗେଲ୍‌ସସ୍ ଲାଟିଫୋଲିଆ)*



*ମାଟି:* ଶୁଖିଲା ପାହାଡିଆ ଅନୁର୍ବର ମାଟି

*ବର୍ଣ୍ଣନା:* ବଡ ଗଛ । ଗଣ୍ଡି ଉଚ୍ଚ ଓ ସିଧା । ବକଲ ଚିତ୍ରିତ । ଫିକା ହଳଦିଆ ରଙ୍ଗର ଫୁଲ ସେପ୍ଟେମ୍ବର-ଜାନୁଆରୀ ଭିତରେ ଫୁଟେ ।

*ଉପଯୋଗିତା:* କାଠ ଶଗଡ, ତା'ର ଅଖ, ଯନ୍ତ୍ରପାତି, ବେଣ୍ଟ ତିଆରିରେ ଲାଗେ । ଜାଳେଣୀ ଓ କୋଇଲା ହୁଏ । ଛେଲି ଓ ପତ୍ର ଚମଡା ରଙ୍ଗ କରିବାରେ ଲାଗେ ।



**ଶିଶୁ** *(ଡାଲବେର୍‌ଜିଆ ଶିଶୁ)*

*ମାଟି:* ନଦୀ ବା ଝରଣା କୂଳର ପଟୁ ମାଟି ।

*ବର୍ଣ୍ଣନା:* ବଡ ଗଛ । ଗଣ୍ଡି ଗୋଲାକାର ଓ ସିଧା । ଧୂସର ରଙ୍ଗର ଫୁଲ ଡିସେମ୍ବର-ମାର୍ଚ୍ଚ ମା.ରେ ଫୁଟେ । ପତ୍ର ଛୋଟ ।


*ଉପଯୋଗିତା:* କାଠର ରଙ୍ଗ ଗାଢ ଖଇରିଆ । ଏହା ଅତି ମୂଲ୍ୟବାନ କାଠ । ଏଥିରେ ଖଟ, ପଲଙ୍କ, ଆଲମାରୀ ଆଦି ଆସବାବପତ୍ର ତିଆରି ଓ ମୂର୍ତ୍ତି ଖୋଦେଇ କାମ ମଧ୍ୟ କରାଯାଏ ।


**ପଣସ** *(ଆର୍ଟୋକାର୍‌ପସ୍ ହେଟେରୋଫିଲସ୍)*

*ମାଟି:* ପାହାଡିଆ, ନାଲି ମାଟି, ପଥୁରିଆ ଓ ପଟୁ ମାଟି।

*ବର୍ଣ୍ଣନା:* ବଡ ଗଛ। ପତ୍ର ଗୋଲ, ଚିକଣ ଓ ଛିଣ୍ଡାଇଲେ କ୍ଷୀର ବାହାରେ। ଗଣ୍ଡି ଖଦଡିଆ। ଡିସେମ୍ବର-ଜାନୁଆରୀ ମାସରେ ଫୁଲ ଧରେ।

*ଉପଯୋଗିତା:* ଏହାର ପଟାରେ ଘରର ଆସବାବପତ୍ର, କବାଟ, ତେଲଘଣା, ଢୋଲ, ମହୁରୀ ପରି ବାଦ୍ୟଯନ୍ତ୍ର ତିଆରି କରାଯାଏ। ପାଚିଲା ଫଳ ବେଶ୍ ସୁସ୍ୱାଦୁ। କଞ୍ଚା ଫଳ ଓ ମଞ୍ଜି ତରକାରୀ କରାଯାଏ।






**ପେସ୍ତା ବାଦାମ** *(ଟର୍ମିନାଲିଆ କାଟପା)*

*ମାଟି:* ବାଲିଆ, ଚୁନମିଶା ମାଟି

*ବର୍ଣ୍ଣନା:* ବଡ ଗଛ। ବକଳ ଖଦଡିଆଷ ପତ୍ର ବଡ, ଚିକଣ। ଝଡିବା ଆଗରୁ ଲାଲ ପଡିଯାଏ। ଛୋଟ ଧଳା ରଙ୍ଗର ଫୁଲ ମାର୍ଚ୍ଚ-ଏପ୍ରିଲରେ ଫୁଟେ।

*ଉପଯୋଗିତା:* କାଠ ଘରର ଆସବାବପତ୍ର, ଦୋକାନ କେବିନ୍ ନୌକା, ପୋଲ, ରେଲପଥ, ବାକ୍ସ ଆଦି ତିଆରିରେ ଲାଗେ।


**ତେନ୍ତୁଳି** *(ଟାମାରିଣ୍ଡିକା ଇଣ୍ଡିକା)*



*ମାଟି:* ସବୁ ପ୍ରକାର ମାଟି ।

*ବର୍ଣ୍ଣନା:* ବଡ ଝଙ୍କା ଗଛ । ବର୍ଷସାରା ପତ୍ର ଥାଏ । ଗଣ୍ଡି ଗାଢ ରଙ୍ଗର । ପତ୍ର ଛୋଟ ଓ ଯୌଗିକ । ଏପ୍ରିଲ-ଜୁନ୍ ଭିତରେ ଲାଲ ବା ଫିକା ଗୋଲାପୀ ରଙ୍ଗର ଫୁଲ ଫୁଟେ । ଛୋଟକ ଫଳ ।

*ଉପଯୋଗିତା:* ଏହାର କାଠରେ ଢିଙ୍କି, ତେଲଘଣା, ଚିନିକଳ, ଗୃଷ ଉପକରଣ, ଆସବାବପତ୍ର ଆଦି ତିଆରି କରାଯାଏ । ଏହା ଉତ୍ତମ ଜାଳେଣି ହୋଇଥିବାରୁ ଇଟାଭାଟିରେ ବ୍ୟବହୃତ ହୁଏ ।



**କାଜୁବାଦାମ** *(ଆନାକାର୍ଡିଅମ୍ ଓସିଡେଣ୍ଟାଲି)*

*ମାଟି:* ପଥୁରିଆ, ପଟୁ, ନାଲିମାଟି, ବାଲିଆ ମାଟି ।

*ବର୍ଣ୍ଣନା:* ମଝିଲା ଉଚ୍ଚତାର ଗଛ । ପତ୍ର ବଡ ଓ ଚିକଣ । ମଞ୍ଜି ଫଳର ବାହାରକୁ ରହିଥାଏ । ଫଳ ରସଯୁକ୍ତ ଫେବୃଆରୀ-ମାର୍ଚ୍ଚରେ ଧଳା ରଙ୍ଗର ଫୁଲ ଫୁଟେ ।

*ଉପଯୋଗିତା:* ଏହାର କାଠରେ ପ୍ୟାକିଙ୍ଗ ପାଇଁ ବାକ୍ସ ତିଆରି କରାଯାଏ । ମଞ୍ଜିକୁ ପୋଡି କାଜୁବାଦାମ ବାହାର କରାଯାଏ ।

**ଆମ୍ବ** *(ମାଙ୍ଗିଫେରା ଇଣ୍ଡିକା)*




*ମାଟି:* ଉର୍ବର ପଟୁମାଟି, ପଥୁରିଆ ମାଟି ।

*ବର୍ଣ୍ଣନା:* ବଡ ଗଛ । ବର୍ଷସାରା ପତ୍ର ରହେ । ବକଳ ଖଦଡିଆ । ଫେବୃଆରୀ-ମାର୍ଚ୍ଚ ମାସରେ ସୁନ୍ଦର ବାସ୍ନାଯୁକ୍ତ ଧଳା ଫୁଲ ଫୁଟେ ।

*ଉପଯୋଗିତା:* କାଠରେ ଘର ତିଆରି, କବାଟ, ବାକ୍ସ ଆଦି ତିଆରି କାରାଯାଏ । କୋଇଲି ଗୁଣ୍ଡରୁ ଗୋଖାଦ୍ୟ କରାଯାଏ । ଫଳ ଆଗ୍ଭର କରି ରଖାଯାଏ ।

**ମହୁଲ** *(ମଧୁକା ଲଙ୍ଗିଫୋଲିଆ)*



*ମାଟି:* ଉଷ୍ମ, ଶୁଖିଲା, ନିଗିଡା ଓ ନିରସା ମାଟି ।

*ବର୍ଣ୍ଣନା:* ମଝିଲା ଉଚ୍ଚତାର ଗଛ । ପତ୍ରର ଅଗ ଓ ମୂଳ ଗୋଲାକାର । ଫେବୃଆରୀ-ଏପ୍ରିଲ ମାସରେ ଧଳା ଫୁଲ ଫୁଟେ । ଫଳ ଲୋମଶ ଓ ମାଂସଳ । ମଞ୍ଜି ତୈଳଯୁକ୍ତ ।

*ଉପଯୋଗିତା:* କାଠଛଗଣ୍ଡିରେ ତେଲଘଣା, ଶଗଡ, ଘର ତିଆରି ଖୁଣ୍ଟ, ଗୃହ ଉପକରଣ ତିଆରି ହୁଏ । ଆଦିବାସୀ ଅଞ୍ଚଳରେ ଫୁଲ ଅତି ପ୍ରିୟ ଖାଦ୍ୟ । ଫୁଲରୁ ମଦ ତିଆରି ହୁଏ । ମଞ୍ଜି ତେଲ ରାନ୍ଧିବାରେ ଓ ଜାଳିବାରେ ବ୍ୟବହୃତ ହୁଏ ଓ ମାର୍ଜାରିନ୍, ସାବୁନ ଓ ଗ୍ଲିସେରିନ୍ ତିଆରି ହୁଏ ।

**ଜାମୁକୋଳି** *(ସିଜିଜିଅମ୍ କ୍ୟୁମିନି)*

*ମାଟି:*ବାଲିଆ, ଚୁନମିଶା ନିଗିଡା ମାଟି ।

*ବର୍ଣ୍ଣନା:* ବଡ ଗଛ । ବର୍ଷସାରା ପତ୍ର ଥାଏ । ବକଳ ଧୂଷର ରଙ୍ଗର । ନାଲିଆଁଶିଆ ବା ଧୂଷରିଆ ଧଳା ରଙ୍ଗର ଫୁଲ ଏପ୍ରିଲ-ମେ ମାସରେ ଫୁଟେ । ଫଳ ଗୋଲାକାର, ମାଂସଳ ଓ ଗାଢ ବାଇଗଣୀ ରଙ୍ଗର ।

*ଉପଯୋଗିତା:* ଏହାର କାଠ ଗୃଷ ଯନ୍ତ୍ରପାତି, ଘରର ଆସବାବପତ୍ର, କବାଟ, ନୌକାର ଆହୁଲା ଆଦି ତିଆରି କରାଯାଏ । ପାଚିଲା ଫଳ ବେଶ୍ ସୁସ୍ୱାଦୁ ।





**ଅଗସ୍ତି** *(ସେସବାନିଆ ଗ୍ରାଣ୍ଡିଫ୍ଲୋରା)*

*ମାଟି:* ଯେ କୌଣସି ଅନୁର୍ବର ମାଟି, କଳା ମାଟି ।

*ବର୍ଣ୍ଣନା:* ମଝିଲା ଉଚ୍ଚତାର ଗଛ । ପତ୍ର ପକ୍ଷଳ ଏବଂ ବଡ । ଅକ୍ଟୋବର-ନଭେମ୍ବର ମାସରେ ଧଳା ରଙ୍ଗର ଫୁଲ ଫୁଟେ । ଶିମ୍ବ ଲମ୍ୱା ।

*ଉପଯୋଗିତା:* କାଠ କାଗଜ ତିଆରିରେ ଲାଗେ । ଶାଗ ଓ ଫଳକୁ ତରକାରୀ କରାଯାଏ । ପତ୍ର, ମଞ୍ଜି ଗୋଖାଦ୍ୟ ହୁଏ । ବକଳରୁ ତିଆରି ଅଠା ଚମଡା ରଙ୍ଗ କରିବାରେ ଲାଗେ । ଚେରରେ ଥିବା ଗଣ୍ଠିରେ ଯବକ୍ଷାରଜାନ ପ୍ରସ୍ତୁତକାରୀ ବୀଜାଣୁ ଥିବାରୁ ଗଛଟି ମାଟିକୁ ଉର୍ବର କରେ ।

**ନୀଳଗିରି ବା ଇଉକାଲିପଟାସ** *(ଇଉକାଲିପ୍ଟସ୍ ସିଟ୍ରିଓଡା)*



*ମାଟି:* ଉଚ୍ଚ ପର୍ବତ, ସମୁଦ୍ରକୂଳ ଟାଙ୍ଗରା, ରୁଗୁଡିଆ, ସନ୍ତସନ୍ତିଆ, ପଟୁ ମାଟି
*ବର୍ଣ୍ଣନା:* ଲମ୍ବା ଗଛ। ବର୍ଷସାରା ପତ୍ର ରହେ। ଧୂସର ବକଳ। ଫିକା ଶାଗୁଆ ରଙ୍ଗର ପତ୍ର ତଳକୁ ଓହଳିଥାଏ। ଡିସେମ୍ବର-ଜାନୁଆରୀ ମାସରେ ଫୁଲ ଫୁଟେ।
*ଉପଯୋଗିତା:* ଗଣ୍ଡିରେ ଘର ତିଆରି ପାଇଁ ଖୁଣ୍ଟ, ଓରା, ଶେଣୀ ତିଆରି ହୁଏ। କାଗଜମଣ୍ଡ ପ୍ରସ୍ତୁତ କରାଯାଏ। ପତ୍ରରୁ ପ୍ରସ୍ତୁତ ତେଲରେ ଔଷଧ, ଦାନ୍ତଘଷା ପେଷଟେ, ଅତର, ସାବୁନ ତିଆରି ହୁଏ। ଜାଳେଣୀ ହୁଏ।
*ମନ୍ତବ୍ୟ:* ଏହା ମାଟିରୁ ବହୁତ ପାଣି ଟାଣେ। ତେଣୁ ଏହାକୁ କୃଷିଜମି ପାଖରେ ଲଗାଇବା ଅନୁଚିତ।

**ଆକାଶିଆ** *(ଆକାଶିଆ ଅରିକୁଲିଫର୍ମିସ୍)*




*ମାଟି:* ପଥୁରିଆ, କ୍ଷାରୀୟ ଏବଂ ଶୁଖିଲା ଅନୁର୍ବର ମାଟି।
*ବର୍ଣ୍ଣନା:* ସାଧାରଣ ଉଚ୍ଚତାର ଗଛ। ଗଛର ଗଣ୍ଡି ଧୂସର ପାଉଁଶିଆ। ଅଗଷ୍ଟ-ସେପ୍ଟେମ୍ବର ମାସରେ ଛୋଟ ହଳଦିଆ ରଙ୍ଗର ଫୁଲ ଫୁଟେ। ଶିମ୍ବ ମୋଡି ହୋଇଥାଏ।
*ଉପଯୋଗିତା:* ଏହାର ଡାଳ, ପତ୍ର ଓ ଶୁଖିଲା ଫଳ ଜାଳ ହୁଏ। କାଗଜ ତିଆରିରେ ଲାଗେ। ଘରର ଶସ୍ତା ଆସବାବ ପତ୍ର ତିଆରି ହୁଏ।
*ମନ୍ତବ୍ୟ:* ଅଗଛା ଭଳି ମାଡିଯାଇ ସ୍ଥାନୀୟ ଗଛ ସବୁକୁ ମାରି ଦେଇପାରେ।


**ପାଳଧୁଆ** *(ଏରିଥ୍ରିନା ଇଣ୍ଡିକା)*

*ମାଟି:* ନିଗିଡା ପଟୁମାଟି, ଓଦା ବାଲି ଓ ପଙ୍କମିଶା ମାଟି ।

*ବର୍ଣ୍ଣନା:* ମଝିଲା ଉଚ୍ଚତାର ଗଛ । ବକଳ ଶୁଖିଲା ଓ କଟା କଟା । ଜାନୁଆରୀ-ଫେବୃଆରୀ ମାସରେ ଗାଢ଼ ଲାଲ ରଙ୍ଗର ଫୁଲ ଫୁଟେ ।

*ଉପଯୋଗିତା:* କାଠ ବେଶ ହାଲୁକା ଓ ନରମ । ଏଥିରେ ଡଙ୍ଗା, ଆହୁଲା, କଣ୍ଢେଇ, ହାଲୁକା ବାକ୍ସ ତିଆରି କରାଯାଏ । ପତ୍ର ଗୋଖାଦ୍ୟ ହୁଏ ।





**କଦମ୍ବ** (ଆନ୍ଥୋସେଫାଲସ୍ କଦମ୍ବା)

*ମାଟି:* ପଟୁ ମାଟି

*ବର୍ଣ୍ଣନା:* ବଡ ଗଛ । ଧୂଷର ବକଳ । ପତ୍ରର ତଳପଟ ଲୋମଶ । ହଳଦିଆ ବର୍ତ୍ତୁଳାକାର ଫୁଲ ମେ-ଜୁନ୍ ମାସରେ ଫୁଟେ ।


*ଉପଯୋଗିତା:* ଛାଇ ଦିଏ । କାଠରେ ବାକ୍ସ, ଡଙ୍ଗା ଆହୁଲା, ଦିଆସିଲି ତିଆରି ହୁଏ ।

**କଞ୍ଚନ** *(ବହୁନିଆ ଭାରିଗାଟା)*

*ମାଟି:* ଶୁଖିଲା ପଥୁରିଆ ମାଟିରେ ଭଲ ବଢେ।

*ବର୍ଣ୍ଣନା:* ମଝିଲା ଉଚ୍ଚତାର ଗଛ। ଧଳା ଓ ବାଇଗଣୀ ରଙ୍ଗର ଫୁଲ ମାର୍ଚ୍ଚ-ମେ ଭିତରେ ଫୁଟେ।

*ଉପଯୋଗିତା:* ମୁଖ୍ୟତଃ ଜାଳେଣୀ ହୁଏ। କୃଷି ଯନ୍ତ୍ରପାତି ତିଆରିରେ ଲାଗେ। ପତ୍ର ଗୋଖାଦ୍ୟ ହୁଏ। ବକଳରୁ ଚମଡା ଶିଳ୍ପ ପାଇଁ ରଙ୍ଗ ବାହାର କରାଯାଏ। ଫୁଲ ଓ କଢି ଖିଆଯାଏ।





**କରଞ୍ଜ** *(ପୋଙ୍ଗାମିଆ ପିନାଟା)*

*ମାଟି:* ଝରଣା କୂଳ ଓ ସମୁଦ୍ରକୂଳିଆ ପାହାଡିଆ ଅଞ୍ଚଳ।

*ବର୍ଣ୍ଣନା:* ମଝିଲା ଉଚ୍ଚତାର ଗଛ। ପତ୍ର ଚିକଣ। ଲାଲ ମିଶା ଧଳା ଫୁଲ ମେ-ଜୁନରେ ଫୁଟେ। ଶିମ୍ବ ଟାଣ ଓ ଚେପଟା। ମଞ୍ଜିରୁ ତେଲ ବାହାର କରାଯାଏ।


*ଉପଯୋଗିତା:* କାଠ ଭଲ ଜାଳେଣୀ ହୁଏ। ଫଳରୁ ତେଲ ବାହାର କରି ଔଷଧ ତିଆରି କରାଯାଏ। ଡାଳକୁ ଦାନ୍ତକାଠି କରି ଘଷିଲେ ଦାନ୍ତରୋଗ ଭଲ ହୁଏ।


**ଝାଉଁ** *(କାଜୁରିନା ଇକ୍ୱିସେଟିଫୋଲିଆ)*

*ମାଟି:* ସମୁଦ୍ର କୂଳିଆ ଲୁଣି, ବାଲିଆ ମାଟି ।

*ବର୍ଣ୍ଣନା:* ବଡ ଗଛ । ପତ୍ର ସବୁ ସରୁ ସରୁ । ଗଛର ବକଳ ଧୂଷର ରଙ୍ଗର ଓ ଖିଦଡିଆ । ଫଳ କଣ୍ଟାଳିଆ । ଫେବୃଆରୀ-ଏପ୍ରିଲ ଓ ସେପ୍ଟେମ୍ବର-ଅକ୍ଟୋବର ଦୁଇଥର ଫୁଲ ଫୁଟେ ।

*ଉପଯୋଗିତା:* ଡାଳ ଓ କାଠ ପୃଥିବୀର ସବୁଠାରୁ ଭଲ ଜାଳେଣି । କାଠରୁ ଭଲ କୋଇଲା ମିଳେ । ଗଛର ଗଣ୍ଡି ଘରର ଖୁଣ୍ଟି, ରୁଅ, ଶେଣୀ ଆଦି କରାଯାଏ । ଝାଉଁ ପତ୍ର ବାଲିରେ ପଡି ସଢି ବାଲିକୁ ମାଟିରେ ପରିଣତ କରେ । ସମୁଦ୍ର କୂଳରେ ପବନର ସ୍ରୋତକୁ ଅଟକାଏ ଓ ମୃତ୍ତିକକ୍ଷୟରୁ ମଧ୍ୟ ରକ୍ଷା କରେ ।





**କୃଷ୍ଣଚୂଡା** *(ଡେଲୋନିକ୍ସ ରେଜିଆ)*

*ମାଟି:* ବାଲିଆ, ମଟାଳ ମାଟି

*ବର୍ଣ୍ଣନା:* ବଡ ଗଛ । ବକଳ ଖିଦଡିଆ ଓ ଧୂଷର ରଙ୍ଗର । ପତ୍ର ଯୌଗିକ । ଗାଢ ଲାଲ ରଙ୍ଗର ଫୁଲ ଏପ୍ରିଲ-ମେ ମାସରେ ଫୁଟେ । ଶିମ୍ବ ଲମ୍ବା ।

*ଉପଯୋଗିତା:* ଜାଳେଣି ହୁଏ । ସୁନ୍ଦର ଫୁଲ ଯୋଗୁଁ ରାସ୍ତା କଡରେ ଲଗାଯାଏ ।

## ଆଉ କିଛି ଗଛର ତାଲିକା

| | |
|---|---|
| ୧. ଅର୍ଜୁନ (ଟର୍ମିନାଲିଆ ଅର୍ଜୁନ) | ବଡ ଗଛ |
| ୨. ଅଶୋକ (ସରାକା ଇଣ୍ଡିକା) | ମଝିଲା ଆକାରର ଗଛ |
| ୩. ଆକାଶମଲ୍ଲୀ (ମିଲିଙ୍ଗ୍‌ଟୋନିଆ ହର୍ଟେନ୍‌ସିସ୍) | ବଡ ଗଛ |
| ୪. ଓଉ (ଡିଲେନିଆ ଇଣ୍ଡିକା) | ବଡ ଗଛ |
| ୫. କରମଙ୍ଗା (ଆଭେରୋଇଆ କାରାମ୍ବୋଲା) | ମଝିଲା ଆକାରର ଗଛ |
| ୬. କଙ୍ଗଡା (ଜିଲିଆ ଜାଇଲୋକାର୍ପା) | ମଝିଲା ଆକାରର ଗଛ |
| ୭. କେନ୍ଦୁ (ଡାଇଓସ୍ପିରସ୍ ମେଲାନୋଜାଇଲନ୍) | ବଡ ଗଛ |
| ୮. କୋଚିଲା (ଷ୍ଟ୍ରିକ୍ନୋସ୍ ନକ୍ସ-ଭୋମିକା) | ବଡ ଗଛ |
| ୯. କୁରୁମ (ଆଡିନା କର୍ଡିଫୋଲିଆ) | ବଡ ଗଛ |
| ୧୦. ଚନ୍ଦନ (ସାଣ୍ଟାଲମ୍ ଆଲ୍‌ବମ୍) | ମଝିଲା ଆକାରର ଗଛ |
| ୧୧. ଚମ୍ପା (ମିଚେଲିଆ ଚମ୍ପାକା) | ବଡ ଗଛ |
| ୧୨. ନଡିଆ (କୋକୋସ୍ ନୁସିଫେରା) | ବଡ ଗଛ |
| ୧୩. ନାଗେଶ୍ୱର (ମେସୁଆ ଫେରା) | ବଡ ଗଛ |
| ୧୪. ପଳାଶ (ବୁଟିଆ ମନୋସ୍ପର୍ମା) | ମଝିଲା ଆକାରର ଗଛ |
| ୧୫. ପାଟଳୀ (ଲାଜର୍ଷ୍ଟ୍ରମିଆ ରେଜିନି) | ମଝିଲା ଆକାରର ଗଛ |
| ୧୬. ପୋଲାଙ୍ଗ (କାଲୋଫାଇଲମ୍ ଇନୋଫାଇଲମ୍) | ମଝିଲା ଆକାରର ଗଛ |

| | |
|---|---|
| ୧୭. ବରୁଣ *(କ୍ରାଟେଭା ରିଲିଜିଓସା)* | ମଝିଲା ଆକାରର ଗଛ |
| ୧୮. ମାହାଲ *(ଆଲାଣ୍ଟସ୍ ଏକ୍ସେଲ୍ସା)* | ବଡ ଗଛ |
| ୧୯. ମହାନିମ୍ବ *(ମେଲିଆ କମ୍ପୋଜିଟା)* | ବଡ ଗଛ |
| ୨୦. ମୁଚୁକୁନ୍ଦ *(ଟେରୋସ୍ପର୍ମମ୍ ଆସେରିଫୋଲିଅମ୍)* | ବଡ ଗଛ |
| ୨୧. ରିଠା *(ସାପିଣ୍ଡସ୍ ଏମାର୍ଜିନାଟସ୍)* | ମଝିଲା ଆକାରର ଗଛ |
| ୨୨. ସଲପ *(କାରିଓଟା ଇଉରେନ୍ସ୍)* | ବଡ ଗଛ |
| ୨୩. ସାହାଡା *(ଷ୍ଟ୍ରେବ୍ଲସ୍ ଆସ୍ପର୍)* | ମଝିଲା ଆକାରର ଗଛ |
| ୨୪. ସିଧା *(ଲାଜଷ୍ଟ୍ରମିଆ ପର୍ଭିଫ୍ଲୋରା)* | ବଡ ଗଛ |
| ୨୫. ହଲଦୁ *(ଆଡିନା କର୍ଡିଫୋଲିଆ)* | ବଡ ଗଛ |

## ସହାୟକ ଗ୍ରନ୍ଥସୂଚୀ


୧. ଉଦ୍ଭିଦ ପରିଚୟ, ନିରଞ୍ଜନ ମିଶ୍ର, ମଳୟକୁମାର ମିଶ୍ର, ତାରାତାରିଣୀ ପୁସ୍ତକାଳୟ, ବ୍ରହ୍ମପୁର

୨. ପ୍ରୀତି ପାଇଁ ପରିଚୟ, ବୃକ୍ଷ ଓ ଜୀବର ବନ୍ଧୁ, କେଶରପୁର, ଜି. ନୟାଗଡ

୩. Field Guide to the Common trees of India, P.V.Bole, Y.Vaghini, WWF-India, Oxford University Press


ଗଛ ଆମକୁ କ'ଣ ଦିଏ